# ଶିଶୁ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)


ଭୁବନେଶ୍ୱରସ୍ଥିତ ପୁରାତନ ବିଧାନସୌଧ ସର୍ଦ୍ଦାର ପଟେଲ ହଲରେ ଶିଶୁ ଛାୟା ବିଧାନସଭା ଚାଲିଛି।

## ଶିଶୁ ଛାୟା ବିଧାନସଭା

ଶିଶୁ ଅଧିକାର ସୁରକ୍ଷା, ଶିଶୁମାନେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ, ସେମାନଙ୍କ ମଧ୍ୟରେ ନେତୃତ୍ୱ ଗ୍ରହଣ କରିବାର କଳାର ବିକାଶ ପାଇଁ ସୋମବାର ପୁରାତନ ବିଧାନସୌଧ ସର୍ଦ୍ଦାର ପଟେଲ ହଲରେ ଶିଶୁ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଆୟୋଜିତ ଏହି ଛାୟା ବିଧାନସଭାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରି ଆୟୋଗର ଅଭିନବ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ବିଧାୟକମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ସଂସଦୀୟ ଗଣତନ୍ତ୍ରର ଗାରିମା ଉପରେ ଆଲୋକପାତ କରିବା ସହ ଶିଶୁ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ବିଧାନସଭା ପୃଷ୍ଠପୋଷକ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଅର୍ଥ ମନ୍ତ୍ରୀ ତ୍ରିଲୋଚନ କାନୁନଗୋ ପ୍ରମୁଖ ଯୋଗଦେଇ ଭାରତୀୟ ଗଣତନ୍ତ୍ରର ଗୌରବମୟ ପରମ୍ପରା, ଜନସାଧାରଣଙ୍କ ହିତ ଓ ସ୍ୱାର୍ଥର ସୁରକ୍ଷା ପାଇଁ ବିଧାନସଭାର ଭୂମିକା ସମ୍ପର୍କରେ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇ ଆୟୋଗର କାର୍ଯ୍ୟାବଳୀ ଉପରେ ବିଶଦ ବିବରଣୀ ଦେଇଥିଲେ। ୟୁନିସେଫ୍ ସହାୟତାରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ପ୍ରଥା ରୋକିବା ଦିଗରେ ସଚେତନତା ସୃଷ୍ଟି ସହ ଶିଶୁ ଅଧିକାର ସୁରକ୍ଷା ପାଇଁ ଆୟୋଗ ପଦକ୍ଷେପ ନେଉଥିବା ସେ କହିଥିଲେ। ଆୟୋଗ ପକ୍ଷରୁ ବ୍ରାଣ୍ଡ ଆମ୍ବାସାଡର ଭାବେ ମନୋନୀତ ଆନ୍ତର୍ଜାତିକ ଭାରୋତ୍ତୋଳକ କେ. ରବି କୁମାର ଏହି ଉତ୍ସବରେ ମଞ୍ଚାସୀନ ଥିଲେ। ଚୟନ ହୋଇଥିବା ରାଜ୍ୟର ୧୦୦ଜଣ ଶିଶୁ ଏହି ଛାୟା ବିଧାନସଭାରେ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କର ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ମନ୍ତ୍ରୀ ଏବଂ ବିଧାନସଭା ସଭ୍ୟ ଭାବେ ଅଭିନୟ ଅତି ଚିତ୍ତାକର୍ଷକ ଥିଲା।

# ଭାଜପାର ୧୭ ଜଣିଆ କୋର୍ କମିଟି ଗଠନ କଲେ ନଡ୍ଡା

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭାଜପା ଓଡିଶାରେ ନିଜ ସଙ୍ଗଠନକୁ ସୁଦୃଢ କରିବା ସହ ନିର୍ବାଚନୀ ସଫଳତା ହାସଲ ନିମନ୍ତେ ଏକ କୋର କମିଟି ଗଠନ କରିଛି। ପୂର୍ବରୁ ରାଜ୍ୟସ୍ତରରେ ଏଭଳି କୋର୍ କମିଟି ଗଠନ କରି ଦଳ କେନ୍ଦ୍ରୀୟ ନେତୃତ୍ୱ ନେତାଙ୍କୁ ଦାୟିତ୍ୱ ଦେଉଥିଲେ ମଧ୍ୟ ଏହା ପ୍ରକାଶ କରାଯାଉ ନ ଥିଲା। ହେଲେ ଏଥର ଗଠନ କରାଯାଇଥିବା କୋର୍ କମିଟି ଘୋଷଣା କରାଯାଇଥିବା ଦଳର ଜଣେ ନେତା ସୂଚନା ଦେଇଛନ୍ତି। ଦଳ ରାଜ୍ୟରେ ସଙ୍ଗଠନକୁ ପରିଚାଳନା ନିମନ୍ତେ ଏକ ୧୭ ଜଣିଆ କମିଟି ଗଠନ କରିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଗଠନ କରାଯାଇଥିବା ଏହି କମିଟିରେ କିନ୍ତୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସ୍ଥାନ ମିଳିନାହିଁ। ସେହିପରି ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇ ନାହିଁ। ରାଜ୍ୟରେ ଦଳ ଓ ସଙ୍ଗଠନର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଭାବେ ଏହା କାର୍ଯ୍ୟ କରିବ ବୋଲି କୁହାଯାଉଛି। ସୂଚନା ମୁତାବକ, ରାଜ୍ୟରେ ଭାଜପାକୁ ତୃଣମୂଳସ୍ତରରେ ଅଧିକ ସଙ୍ଗଠିତ ଓ ସୁଦୃଢ କରିବା ସହ ନିର୍ବାଚନୀ ସଫଳତା କିଭଳି ମିଳିପାରିବ ସେନେଇ କେନ୍ଦ୍ରୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତ କରିଛନ୍ତି। ଦଳ ବର୍ତ୍ତମାନ ନିର୍ଦ୍ଦିଷ୍ଟ କୌଣସି ନେତାଙ୍କୁ ଭରସା ନ କରି ଏହି କମିଟି ହାତରେ ଦାୟିତ୍ୱ ନ୍ୟସ୍ତ କରିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଏହି କମିଟି ଗଠନ କରିଛନ୍ତି। ପ୍ରତ୍ୟେକ ମାସରେ ଗୋଟିଏ ଥର ଲେଖା ଏହି କମିଟି ବୈଠକ କରିବେ। କମିଟିର ସ୍ୱତନ୍ତ୍ର ସଦସ୍ୟ ଭାବେ ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଓ ସହପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସମେତ ୧୭ ଜଣଙ୍କୁ ସ୍ଥାନ ମିଳିଛି। କମିଟିରେ ୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ବିଶ୍ୱେଶ୍ୱର ଟୁଡୁ ଅଛନ୍ତି। ଏହାସହ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ଅପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଷଡଙ୍ଗୀ, ସୁରେଶ ପୂଜାରୀ ଓ ବସନ୍ତ ପଣ୍ଡା ଅଛନ୍ତି। ଏହାସହ ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ କୁମାର ମହାନ୍ତି, ବରିଷ୍ଠ ନେତା ମନମୋହନ ସାମଲ, କେ.ଭି ସିଂ ଦେଓ, ସମ୍ବିତ ପାତ୍ର ଓ ସୁରମା ପାଢୀ କୋର୍ କମିଟିରେ ସ୍ଥାନ ପାଇଛନ୍ତି।

‘ଧରିତ୍ରୀ’ର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଇରଙ୍ଗପୁର ଜନସାଧାରଣ ଏବଂ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା। ବନ୍ୟପ୍ରାଣୀ ସୁରକ୍ଷା ସକାଶେ ନିବେଦନ।
ଅନ୍ତର୍ଯ୍ୟାମୀ ମହାକୁଡ଼
ରେଞ୍ଜ ଅଧିକାରୀ
(ରାଇରଙ୍ଗପୁର ବନ ରେଞ୍ଜ)

M/s Sagar Food Products
At- Chikinipali, Bandhapali, Po- Mahulpali, Dist- Bargarh
ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ତାହାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ହାର୍ଦ୍ଦିକ ଶୁଭେଚ୍ଛା।
Hema Sagar Sahu

‘ଧରିତ୍ରୀ’ର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରାଇରଙ୍ଗପୁର ବିଧାନସଭାମଣ୍ଡଳୀର ଭାଇ ଏବଂ ଭଉଣୀ ସମେତ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ନବଚରଣ ମାଝୀ
ବିଧାୟକ ତଥା ଭାଜପା ପଶ୍ଚିମ ମୟୂରଭଞ୍ଜ ସଂଗଠନ ଅଧ୍ୟକ୍ଷ



ଦୈନିକ ସମ୍ବାଦପତ୍ର ‘ଧରିତ୍ରୀ’ର ୪୮ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆମର ଅନେକ ଅନେକ ଶୁଭେଚ୍ଛା।
ମା’ ସାତଭଉଣୀ ପରିବେଶ ବିକାଶ ସମିତି
ସାତକୋଶିଆ, ସ୍ୟାଣ୍ଡ ରିସୋର୍ଟ, ବଡମୂଳ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଧରତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଆଶିଷ୍ କୁମାର ପ୍ରଧାନ
ଛେଣ୍ଡିପଦା ବ୍ଲକ ଯୁବ ସଭାପତି

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଯୁବ ମହିଳା ସମେତ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ତନୁଜା ମହାନ୍ତି
ସଭାନେତ୍ରୀ (ବିଜୁ ଜନତା ଦଳ, ରାଇରଙ୍ଗପୁର ସଦର ସଙ୍ଗଠନ)

‘ଧରିତ୍ରୀ’ର ୪୮ ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ବିରଞ୍ଚି ନାରାୟଣ ନନ୍ଦ (ଘାସି)
ସମ୍ବଲପୁର ଲୋକ ସଭା ସାଂସଦଙ୍କ ମେଡିକାଲ ନୋମିନୀ

ADVOCATE
ଧରିତ୍ରୀର ୪୮ତମ ଜନ୍ମବାର୍ଷିକୀ ଅବସରରେ ଓଡିଶାର ଅଗଣିତ ପାଠକପାଠିକା ତଥା ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅନେକ ଶୁଭେଚ୍ଛା। ଜଗତର ନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
ନଗେନ୍ କୁମାର ନନ୍ଦ
ସଭାପତି, ଛେଣ୍ଡିପଦା ଓକିଲ ସଂଘ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ। ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥ କୁସୁମିତ କରନ୍ତୁ।
ନାରାୟଣ ବେହେରା
ସରପଞ୍ଚ, ବାହାଲସାହି ଗ୍ରାମପଞ୍ଚାୟତ

‘ଧରିତ୍ରୀ’ ଖବରକାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ପାଟଣା ନିର୍ବାଚନମଣ୍ଡଳୀର ଭଉଣୀ ଭାଇଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଜଗନ୍ନାଥ ନାଏକ
ବିଧାୟକ, ପାଟଣା, କେନ୍ଦୁଝର

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଧରତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।
ଶ୍ରୀ ସୁଶାନ୍ତ ବେହେରା
ବିଧାୟକ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ। ଆଶା, ଜଗତର ନାଥ ଶ୍ରୀ ଜଗନ୍ନାଥ ଆପଣଙ୍କ ଚଲାପଥରେ ସହାୟ ହୁଅନ୍ତୁ।
ଅଶୋକ କୁମାର ପ୍ରଧାନ
ଅଧ୍ୟକ୍ଷ, ଛେଣ୍ଡିପଦା ପଞ୍ଚାୟତ ସମିତି

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ। ଆଶା ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ସହାୟ ହୁଅନ୍ତୁ।
ବିଜୟ କୁମାର ଗଡ଼ନାୟକ
ସରପଞ୍ଚ, ବରସାହି ଗ୍ରାମପଞ୍ଚାୟତ

ଧରିତ୍ରୀର ୪୮ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଧରତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ସତ୍ୟବ୍ରତ ଦେହୁରୀ
ଅନୁଗୋଳ ଜିଲ୍ଲା ଯୁବ ଉପ ସଭାପତି

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କର ସୁଖ, ଶାନ୍ତି, ସମୃଦ୍ଧି, ପ୍ରଗତି, ଉନ୍ନତି କାମନା କରୁଛି। ଏଥିସହ ଭୋଟର ଭଉଣୀଭାଇଙ୍କ ଆସ୍ଥା ଓ ବିଶ୍ୱାସକୁ ପାଥେୟକରି ଆଗକୁ କାର୍ଯ୍ୟ କରିବି। ଏ ଦିଗରେ ଆପଣମାନଙ୍କର ସାହାଯ୍ୟ, ସହଯୋଗ କାମନା କରୁଛି।
ଶର୍ମିଷ୍ଠା ସେଠୀ
ମାନ୍ୟବର ସାଂସଦ
ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ
(ଜାତୀୟ ମୁଖପାତ୍ର ବିଜୁ ଜନତା ଦଳ, ଓଡ଼ିଶା, ଉପଦେଷ୍ଟା ରାଜ୍ୟ ମହିଳା ବିଜୁ ଜନତା ଦଳ, ସଦସ୍ୟା ମହିଳା ସଶକ୍ତିକରଣ ଓ ଗୃହ ମନ୍ତ୍ରଣାଳୟ କମିଟି, ଭାରତ ସରକାର)

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ପୁରୀବାସୀଙ୍କୁ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କର ମଙ୍ଗଳ କରନ୍ତୁ।
24 HOUR
୨୪ ଘଣ୍ଟିଆ
ଇ-୨୪ ହସପିଟାଲ
E-24 HOSPITAL
ISO 9001- 2015 CERTIFIED
Emergency 24 Hospital Private Limited
CASUALTY
MEDICINE
PATHOLOGY
AMBULANCE
REDEFINING HEALTH CARE
ସ୍ୱାସ୍ଥ୍ୟସେବାର ଅନନ୍ୟ ପରିଭାଷା
Dolamandap Sahi, Puri- 752001, Mob : 90400-21999, 7064411185
ଏଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ସମସ୍ତ ବେସରକାରୀ ଇନସୁରାନସ୍ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୦ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ୩ ଭରି ସୁନା ଝାମ୍ପିନେଲେ

ରାସୋଳ,୨୯।୧୧- ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ଅଳଙ୍କାର ଦୋକାନୀ ନିରାକାର ସାହୁଙ୍କ ଠାରୁ ସୋମବାର ଦୁର୍ବୃତ୍ତମାନେ ୩ଭରି ଓଜନର ସୁନା ଝାମ୍ପି ନେଇଛନ୍ତି। ନିରାକାର ଦୋକାନ ବନ୍ଦ କରି ଗ୍ରାହକ ମରାମତି ପାଇଁ ଦେଇଥିବା ସୁନା ବ୍ୟାଗରେ ଧରି ଯାଉଥିବାବେଳେ ତାଙ୍କୁ ଦୁର୍ବୃତ୍ତମାନେ ପିଛା କରି ବ୍ୟାଗ୍ ଝାମ୍ପି ନେଇ ପଳାଇଥିଲେ। ଏ ସମ୍ପର୍କରେ ଥାନାର ଅଭିଯୋଗ ହେବା ପରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଢେଙ୍କାନାଳରେ ୪ ଆକ୍ରାନ୍ତ

ଢେଙ୍କାନାଳ ଅଫିସ,୨୯।୧୧- ଢେଙ୍କାନାଳ ଜିଲାରୁ ସୋମବାର ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଦର ବ୍ଲକରୁ ୨, ଓଡ଼ାପଡ଼ାରୁ ୧ ଓ ଢେଙ୍କାନାଳ ପୌରାଞ୍ଚଳରୁ ଜଣେ ରହିଛନ୍ତି। ଦିନକରେ ହୋଇଥିବା ୯୭୭ ଟେଷ୍ଟକୁ ମିଶାଇ ଏଯାଏ ଜିଲାରେ ମୋଟ ୫ ଲକ୍ଷ ୪୪ ହଜାର ୯୬ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ସେଥିମଧ୍ୟରୁ ମୋଟ ୧୯ ହଜାର ୯୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୯ ହଜାର ୬୭୬ ସୁସ୍ଥ ହୋଇ ସାରିଛନ୍ତି। ବର୍ତ୍ତମାନ ଜିଲାରେ ୧୨ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ୨୪୪ ଜଣଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଢେଙ୍କାନାଳ ଅଫିସ,୨୯।୧୧- ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ନାଗେନା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଶତପଥୀ(୭୭)ଙ୍କ



ରବିବାର ଭୋର ସମୟରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡ଼ିବା ପରେ ବଣସିଂହ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ରଛାତ୍ରୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ଜଡିତ ରହିଥିଲେ ଏବଂ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ପରଜଙ୍ଗ,୨୯।୧୧(ଡି.ଏନ.ଏ.)- ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ସୋମବାର ଇତିହାସ ସମ୍ମାନ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଡ. ଅମରେଶ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଧକ୍ଷ ଡ. ନୀହାର ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ବିଭାଗୀୟ ଅଧ୍ୟାପକ ସମୀର ମୁକୁଟ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ କର୍ମକର୍ତ୍ତା ଚୟନ

ସାତମାଇଲ,୨୯।୧୧(ଡି.ଏନ.ଏ.)- ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇଛି। ବିକ୍ରମ ସାହୁ ନୂଆ ସଭାପତି, ସୁମନ୍ତ ଦେହୁରୀ ସମ୍ପାଦକ, ଦିନେଶ ଦେହୁରୀ ଉପ ସଭାପତି, ପ୍ରତାପ ପଟ୍ଟନାୟକ ସହ ସମ୍ପାଦକ ଓ କୋଷାଧକ୍ଷ ଭାବେ ରବିନାରାୟଣ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା।

### ପାଇକ ସମାଜ ରାଜ୍ୟସ୍ତରୀୟ ଉତ୍ସବ

ସାତମାଇଲ,୨୯।୧୧(ଡି.ଏନ.ଏ.)- ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଦଶହରା ପଡିଆଠାରେ ପାଇକ ସମାଜର ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ସିନେ ଆର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ରଜନୀକାନ୍ତ ସିଂହ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ, କଳିଙ୍ଗ ସିନେ ଆର୍ଟ୍ସ ସଭାପତି ସୁଶାନ୍ତ କୁମାର ଦାସ ଓ ବିଦ୍ୟାଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ଟି ପାଇକ ଆଖଡା ଦଳ ଯୋଗଦେଇ ପାଇକ ଖେଳ ପ୍ରଦର୍ଶନ କରିଥିଲେ। ହିନ୍ଦୋଳ ବ୍ଲକର ମୋଟ ୧୦ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳିଙ୍ଗ ପାଇକ ସମାଜ ମୁଖ୍ୟ ସଙ୍ଗଠକ ରତିକାନ୍ତ ଗଡନାୟକ ସଭା ପରିଚାଳନା କରିଥିଲେ। ବିଦ୍ୟାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଭଲ ପଢ଼ନ୍ତୁ, ଆଗୁଆ ହୁଅନ୍ତୁ’



୪୧ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପଣ ଅବସରରେ ମନ୍ତ୍ରୀ ଓ ବିଧାୟକମାନେ।

## ଢେଙ୍କାନାଳର ୪୧ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ

ଢେଙ୍କାନାଳ ଅଫିସ,୨୯।୧୧

ରାଜ୍ୟ ସରକାରଙ୍କ ସ୍କୁଲ ରୂପାନ୍ତରୀକରଣ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ଜିଲାର ୪୧ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇ ସୋମବାର ଲୋକାର୍ପିତ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜିଲାର ଏହି ୪୧ଟି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଲୋକାର୍ପିତ କରିଥିଲେ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ପିଲାମାନେ ଭଲ ପାଠ ପଢ଼ନ୍ତୁ। ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ମା’ବାପାଙ୍କ ସୁନାମ ରଖି ଓଡ଼ିଶାର ଗୌରବ ବଢ଼ାନ୍ତୁ। ପାଠ ସହ କ୍ରୀଡା, ସଙ୍ଗୀତ, ସାମାଜିକ ସେବା ଆଦି ସବୁଥିରେ ପିଲାମାନେ ଅଗ୍ରଣୀ ହୁଅନ୍ତୁ। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ରହି ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୮୧ଟି ବିଦ୍ୟାଳୟକୁ ରୂପାନ୍ତରଣ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଜିଲା ପାଇଁ ଆଜି ଖୁସିର ଦିନ ବୋଲି କହିବା ସହିତ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପାଠପଢା, ଆମୋଦ ପ୍ରମୋଦ, ଖେଳକୁଦ ମାଧ୍ୟମରେ ଶିକ୍ଷାର ଗୁଣାତ୍ମକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ଏହାଦ୍ୱାରା ଗୁଣାତ୍ମକ ଶିକ୍ଷାର ବିକାଶ ଘଟିବ। ଏହି ସମ୍ପତ୍ତିକୁ ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ଜନସାଧାରଣଙ୍କର। ତେଣୁ ଶିକ୍ଷାର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତେ ଦାୟିତ୍ୱବାନ ହୋଇ ସହଯୋଗ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ନିଜ ଉଦ୍‌ବୋଧନରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଶିକ୍ଷାର ସାମଗ୍ରିକ ବିକାଶ ଓ ଆନନ୍ଦଦାୟକ ଶିକ୍ଷାଦାନ ନିମନ୍ତେ ପିଲାମାନେ ଖୁସିବ୍ୟକ୍ତ କରୁଥିବାରୁ ଏହି ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଜିଲା ପରିଷଦ ସଭାପତି ମିନତି ନାୟକ, ଉପାଧକ୍ଷ କୋଦଣ୍ଡଧର ସାହୁ, ସଦର ପଞ୍ଚାୟତ ସମିତି ଅଧକ୍ଷା ପଦ୍ମିନୀ ନାୟକ, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ଉଦ୍‌ବୋଧନ ଦେଇଥିଲେ। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ରଜନାଥ ବଡଜେନା ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ବେଳେ ଆଇଏଏସ୍ ଅଫିସର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅନୁଗୋଳ ଜିଲାର ୯୦ ସ୍କୁଲ ରୂପାନ୍ତରଣ



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ଜିଲାର ୯୦ ସ୍କୁଲ ରୂପାନ୍ତରଣ ପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହାର ଲୋକାର୍ପଣ କରିଛନ୍ତି। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ଯୋଗେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋ ରାଜ୍ୟର ପିଲାମାନେ ସବୁ କ୍ଷେତ୍ରରେ ଆଗୁଆ। ସ୍କୁଲର ପ୍ରତିଟି ଆନୁଷଙ୍ଗିକ ସୁବିଧାକୁ ଉପଲବ୍ଧ କରାଇ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସ୍କୁଲ ଯିବା, ଭଲ ପାଠ ପଢିବା ଓ ମା’ ବାପାଙ୍କ ସୁନାମ ଆଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସଭାରେ ଉପସ୍ଥିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପ ଶିକ୍ଷାର ମେରୁଦଣ୍ଡକୁ ଶକ୍ତ କରିବ ବୋଲି କହିଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ହେଉଥିବା ଏହି କାର୍ଯ୍ୟକ୍ରମକୁ ‘୫-ଟି’ ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଡେପୁଟି କଲେକ୍ଟର ବଇତୁରା ଦୀପ, ଡେପୁଟି କଲେକ୍ଟର ଇଷାନୀ ପଣ୍ଡା, ପୌରପାଳିକା ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ଅର୍ଥ) ଅବିନାଶ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ବିଜୟ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ବେଳେ ଦଶମ ଶ୍ରେଣୀ ଛାତ୍ରୀ ଶ୍ରେୟଂସା ପ୍ରଧାନ ଡାକ୍ତର ହୋଇ ସମସ୍ତଙ୍କ ସେବା କରିବେ ବୋଲି କହିଥିଲେ।

## ବନଦୁର୍ଗା କ୍ରିକେଟ: ଗଦାଶିଳା ଚାମ୍ପିୟନ



ଅତିଥି କୃତି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ସାତମାଇଲ,୨୯।୧୧(ଡି.ଏନ.ଏ.)

ହିନ୍ଦୋଳ ଉପଖଣ୍ଡ ବମ୍ପା ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥ ରୟାଲ ଗ୍ରାଉଣ୍ଡରେ ଚାଲିଥିବା ୭ମ ମା’ ବନଦୁର୍ଗା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗନ୍ନାଥପୁର ଏକାଦଶକୁ ହରାଇ ଗଦାଶିଳା ଏକାଦଶ ଚାମ୍ପିୟନ ହୋଇଛି। ପ୍ରଥମେ ଜଗନ୍ନାଥପୁର ଏକାଦଶ ବ୍ୟାଟିଂ କରି ୮୬ ରନ୍ କରିଥିଲା। ଜବାବରେ ଗଦାଶିଳା ଏକାଦଶ ୮୭ ରନ କରି ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ଭାଜପା ନେତା ରୁଦ୍ର ନାରାୟଣ ପାଣି, ଅଞ୍ଜଳି ବେହେରା, ବ୍ଲକ କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନୋଜ ରଥ, କ୍ଷୀରୋଦ ପାତ୍ର, ଅଶୋକ ରାଉତ, ସ୍ୱର୍ଣ୍ଣମଞ୍ଜରୀ ରାଉତ, ପ୍ରତିମା ଜେନା, ନିର୍ମଳ ସାହୁ ଓ ପ୍ରଭାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖଣି ସର୍ଭେକୁ ଗ୍ରାମବାସୀଙ୍କ ବିରୋଧ

ଛେଣ୍ଡିପଦା,୨୯।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ତେଣ୍ଟୁଲୋଇ ପଞ୍ଚାୟତରେ ପ୍ରସ୍ତାବିତ ଓଏମ୍‌ସି କୋଇଲା ଖଣିର ଖୁଣ୍ଟାନାଳି ଗ୍ରାମରେ ହେବାକୁ ଥିବା ସର୍ଭେ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଘଟଣାରୁ ପ୍ରକାଶ, ଖୁଣ୍ଟାନାଳି ଗ୍ରାମରେ ସର୍ଭେ କାର୍ଯ୍ୟ କରିବା ପାଇଁ ଓଏମ୍‌ସିର ଆଞ୍ଚଳିକ ପ୍ରବନ୍ଧକ ରୋମାଞ୍ଚଳ ଖମାରୀ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଓ ଓଏମ୍‌ସି କର୍ମଚାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପାଇଁ ଗ୍ରାମକୁ ଯାଇଥିଲେ। ଏ ନେଇ ଗ୍ରାମ କୋଠଘରଠାରେ ଏକ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀ ସ୍ଥାୟୀ ନିଯୁକ୍ତି ଓ ଗୋଟିଏ ପ୍ରକଳ୍ପ ଗୋଟିଏ ରେଟ୍ ବିସ୍ଥାପିତ ପ୍ରଜାମାନଙ୍କୁ ଦେବା ପାଇଁ ଦାବି କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ସର୍ଭେ



ବୈଠକରେ ଅଧିକାରୀମାନଙ୍କ ସହ ଗ୍ରାମବାସୀ।

କାର୍ଯ୍ୟ ଆରମ୍ଭ କରିବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଥିଲା। ଏ ନେଇ ଗ୍ରାମରେ ବୈଠକ ବସିବା ପରେ ସର୍ଭେ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବୈଠକରେ ଗ୍ରାମ ସଭାପତି ଚିତ୍ତରଞ୍ଜନ ସାହୁ, ରଘୁନାଥ ପ୍ରଧାନ, ଧରଣୀଧର ବେହେରା, ଦୁଃଶାସନ ବେହେରା, ମିଶ୍ର ବେହେରା, ବାବୁସାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କାମାକ୍ଷାନଗର,୨୯।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜଜ୍ ସତ୍ୟନାରାୟଣ ପାତ୍ର ସୋମବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଗଣେଶ୍ୱର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, କଙ୍କଡାହାଡ଼ ଥାନା ମକୁଆକାଟେଣୀ ଗ୍ରାମର ସାରଙ୍ଗଧର ପ୍ରଧାନ ୨୦୧୨ ନଭେମ୍ବର ୧୭ରେ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଭଉଣୀ ଜୟନ୍ତୀ ସାହୁ ୨୭ ବର୍ଷ ପୂର୍ବେ ସେହି ଗ୍ରାମର ମଦେଇ ସାହୁଙ୍କୁ ୨ୟ ବିବାହ କରିଥିଲେ। ତେବେ ୧୭ ନଭେମ୍ବର ୨୦୧୨ ସକାଳ ପ୍ରାୟ ୯ଟାରେ ଜୟନ୍ତୀ ବିଲ ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରିପଡିଥିଲେ। ଜୟନ୍ତୀଙ୍କ ସାବତ ପୁଅ ଗଣେଶ୍ୱର ସାହୁ ହିଁ ଏହି ହତ୍ୟାକାଣ୍ଡ ଘଟାଇଥିବା ସାରଙ୍ଗଧର ଦର୍ଶାଇଥିଲେ। କଙ୍କଡାହାଡ଼ ପୋଲିସ ନଂ. ୪୭/୧୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା ମାମଲା ପରିଚାଳନା କରୁଥିଲେ।

# ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ସହର ତଥା ଆଖପାଖ ଅଞ୍ଚଳରେ ଡେଙ୍ଗୁ ରୋଗୀ ଚିହ୍ନଟ ଓ ପରିମଳ ବ୍ୟବସ୍ଥା ସୁଧରିବା ଦାବିନେଇ ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାରୁ ଆଗାମୀ ଦିନରେ ଏହା ଚିନ୍ତାର କାରଣ ହୋଇପାରେ। ୭ ଦିନ ମଧ୍ୟରେ ପଦକ୍ଷପ ନିଆ ନ ଗଲେ ଛାତ୍ର କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ନଗର ମହିଳା କଂଗ୍ରେସ ସଭାପତି କାସିଦା ଖାନ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ସଂଗ୍ରାମ ବେହେରା, ଅଭିଷେକ ନାୟକ, ମାନସ ରଞ୍ଜନ ବିଶ୍ୱାଳ, ସିପୁ ଜେନା ପ୍ରମୁଖ ଉପସ୍ଥିତି ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




ପ୍ରଜାସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଆଠମଲ୍ଲିକ,୨୯।୧୧(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡ ହଣ୍ଡପା ରେଳ ଷ୍ଟେଶନ ଠାରୁ କୋଇଲା ପରିବହନ ବନ୍ଦ କରାଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ମା’ ମାହେଶ୍ୱରୀ ବାସ, ଭୂମିହରା ଓ ବେରୋଜଗାରି ମିଳିତ ପ୍ରଜାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କିଶୋରନଗର ବ୍ଲକର ୧୫ରୁ ଊର୍ଦ୍ଧ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ ଶୋଭାଯାତ୍ରାରେ ବାହାରି ଉପଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ସଭାପତି କ୍ଷୀରୋଦ କୁମାର ବେହେରା, ସମ୍ପାଦକ ସାହେବ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ଲଳିତମୋହନ ବେହେରା ଦାବିପତ୍ର ଗ୍ରହଣ କରି ଜିଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଦୁର୍ଘଟଣାରେ ଯୁବକ ମୃତ, ଉତ୍ତେଜନା

ଢେଙ୍କାନାଳ ଅଫିସ,୨୯।୧୧

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ରାସ୍ତାରେ ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଗ୍ରାମର ନନ୍ଦନ ଦଣ୍ଡପାଟ(୨୨)ଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ନିକଟରେ ଥିବା ଏକ କମ୍ପାନୀ ନିକଟରେ ସେମାନେ ଧାରଣାରେ ବସିଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ କମ୍ପାନୀର ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। କେତେଜଣ ଉତ୍ୟକ୍ତ ଲୋକ କମ୍ପାନୀ ପରିସରରେ ଭଙ୍ଗାରୁଜା କରିଥିବା ଜଣାପଡିଛି। ଖବରପାଇ ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ସମେତ ମୋଟଙ୍ଗା ଓ କଣ୍ଟାବଣିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଜାରି ରଖିଛନ୍ତି।

## କଣିହାଁରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

କଣିହାଁ,୨୯।୧୧(ଡି.ଏନ.ଏ.)

କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ପ୍ରଥମେ ଅର୍କିଳ, ଗଣ୍ଡମାଳ, କର୍ଣ୍ଣପାଲି ପଞ୍ଚାୟତରେ ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରିଥିଲେ। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପକାରିତା ସମ୍ପର୍କରେ ଉପସ୍ଥିତ ଶତାଧିକ ମହିଳାଙ୍କୁ ବିଧାୟକ ସଚେତନ କରିଥିଲେ। ବିଡିଓ ନିଶାନ ମିଶ୍ର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମ୍ପାଦକ, ଗ୍ରାମ ରୋଜଗାର ସେବକ, ଆଶା, ଅଙ୍ଗନୱାଡ଼ିକର୍ମୀମାନେ ସହଯୋଗ କରିଥିଲେ। ସରପଞ୍ଚ ଅର୍ଣ୍ଣ ବେହେରା, କୁନି ଦେହୁରୀ, ଅନିତା ପ୍ରଧାନ, ସମିତି ସଭ୍ୟା ନିରୁପମା ପ୍ରଧାନ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଯୁବ ବିଜେଡି ସଭାପତି ଗଗନ ରାଉତ, ଜିତେନ୍ଦ୍ର ବିଶ୍ୱାଳ, ଜୟନ୍ତ କୁମାର ପ୍ରଧାନ, ନିଶାକର ପ୍ରଧାନ, ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ସାହୁ, ମଣ୍ଟୁ ମହାନ୍ତି, କୃପାସିନ୍ଧୁ ସାହୁ, ପ୍ରଦୀପ ସାମଲ, ରାମକୃଷ୍ଣ ପ୍ରଧାନ, ରବିଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।




ଜଣେ ହିତାଧିକାରୀଙ୍କୁ ବିଧାୟକ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

# ଅନଶନ କରିବ ସ୍ୱାଭିମାନ ସୁରକ୍ଷା ମଞ୍ଚ

## ଧନିଆନାଳୀ-ଛୋଟତେନ୍ତୁଳି ଜଙ୍ଗଲ ରାସ୍ତା ବନ୍ଦକୁ ବିରୋଧ



ପ୍ରତିବାଦ କରୁଥିବା ସ୍ୱାଭିମାନ ସୁରକ୍ଷା ମଞ୍ଚର ସଦସ୍ୟମାନେ।

ଢେଙ୍କାନାଳ ଅଫିସ,୨୯।୧୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ରେଞ୍ଜ୍‌ସ୍ଥିତ ଧନିଆନାଳୀ ଓ ଛୋଟତେନ୍ତୁଳି ମଧ୍ୟରେ ଥିବା ଜଙ୍ଗଲ ରାସ୍ତାକୁ ବନ ବିଭାଗ ପକ୍ଷରୁ କପିଳାସ ଅଭୟାରଣ୍ୟକୁ ନେଇ ବନ୍ଦ କରିଦିଆଯାଇଛି । ତେବେ ବନ ବିଭାଗର ଏପରି କାର୍ଯ୍ୟକୁ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ମଞ୍ଚ ଆବାହକ ନବୀନ ନନ୍ଦ ଜିଲାପାଳ ଓ ବନବିଭାଗ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ମଞ୍ଚ ପକ୍ଷରୁ କୁହାଯାଇଛି, କପିଳାସ ଅଭୟାରଣ୍ୟ ଆଳରେ ବନ ବିଭାଗ ଆଇନର ଉଲ୍ଲଂଘନ କରୁଛି। ୧୦୦ ବର୍ଷ ପୁରୁଣା ଧନିଆନାଳୀ-ଛୋଟତେନ୍ତୁଳି ରାସ୍ତା ଉପରେ ଗଁଦିଆ ବ୍ଲକର ବେଗା, ଲାଉଲାଇ, ଖଙ୍କିରା, ରତନପୁର ଓ ଲେଥକା ପଞ୍ଚାୟତବାସୀ ନିର୍ଭରଶୀଳ। ଏପରିକି ଏହି ରାସ୍ତା କଟକ ଜିଲାର ଟାଙ୍ଗି ଅଞ୍ଚଳକୁ ମଧ୍ୟ ସଂଯୋଗ କରୁଛି। ହେଲେ ୫ ମାସ ହେଲା ବନ ବିଭାଗ ପକ୍ଷରୁ ଏହାକୁ ବନ୍ଦ କରିଦିଆଯାଇଛି। ଅଭୟାରଣ୍ୟକୁ ଲାଗିଥିବା ଏହି ଗ୍ରାମଗୁଡିକର ଲୋକମାନଙ୍କୁ ଜଙ୍ଗଲ ଆଇନ ୧୯୮୦ ଅନୁଯାୟୀ ଜମିପଟ୍ଟା ମିଳିଛି। କିନ୍ତୁ ରାସ୍ତା ବନ୍ଦ ହୋଇଥିବାରୁ ଯାତାୟାତ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ମଞ୍ଚ ଆବାହକ ନବୀନ ନନ୍ଦ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଏହାର ନକଲ ଜିଲା ବନଖଣ୍ଡ ଅଧିକାରୀ, ପିସିସିଏଫ୍ ୱାଇଲ୍ଡ ଲାଇଫ୍ ଭୁବନେଶ୍ୱର, ଉପଜିଲାପାଳ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଏସ୍‌ପି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଥାନା ଅଧିକାରୀ ଏବଂ ୫-ଟି ସଚିବଙ୍କୁ ଅବଗତ ପାଇଁ ପ୍ରଦାନ କରିଛନ୍ତି। ତୁରନ୍ତ ସମାଧାନ କରା ନ ଗଲେ ଆସନ୍ତା ୧୬ ତାରିଖରୁ ଷଡ଼ଙ୍ଗୀ ରେଞ୍ଜ୍ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ପକ୍ଷରୁ ଧାରଣା ଦିଆଯିବ ବୋଲି ନନ୍ଦ ଜଣାଇଛନ୍ତି ।

## ଘର ଭାଙ୍ଗିଲା ହାତୀ



ପରଜଙ୍ଗ,୨୯।୧୧(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ଡିହଡୋଳ ଫରେଷ୍ଟ ସେକ୍ସନ ଡମୋଳ ଭାଲିଆ ତଇଳା ସାହିରେ ରବିବାର ରାତିରେ ଦନ୍ତା ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅଶୋକ ବେହେରାଙ୍କ ଘର ଭାଙ୍ଗି ଦେଇଥିବାବେଳେ ହାତୀ ଆକ୍ରମଣରୁ ସମ୍ପୃକ୍ତ ଦମ୍ପତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବରପାଇ ବନ କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ ପହଞ୍ଚି ଜଗି ରହିଥିବା ଜଣାପଡିଛି। ଅସହାୟ ପରିବାରକୁ କ୍ଷତିପୂରଣ ସହ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଆଜି ହଣ୍ଡପାରେ ରେଳରୋକୋ

ବଇଣ୍ଡା,୨୯।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ନିର୍ମାଣ ହୋଇଥିବା କୋଇଲା ଡିପୋକୁ ସ୍ଥାନାନ୍ତର କରିବା ଦାବିରେ ମା’ ମାହେଶ୍ୱରୀ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ମଙ୍ଗଳବାର ହଣ୍ଡପା ଠାରେ ରେଳରୋକୋ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ କମିଟି ପକ୍ଷରୁ ଜିଲାପ୍ରଶାସନକୁ ଅବଗତ କରାଯାଇଛି। ସକାଳ ୮ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ରେଳରୋକୋ କରାଯିବ ବୋଲି କମିଟି ସଭାପତି ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଜିଲାରେ ସଂକ୍ରମଣ ସ୍ଥିର

ଅନୁଗୋଳ ଅଫିସ, ୨୯।୧୧- ଅନୁଗୋଳ ଜିଲାରୁ ସୋମବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୬୮ରେ ସ୍ଥିର ରହିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ଜଣେ କରୋନା ସଂକ୍ରମିତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବାଣ ଫୁଟି ନାବାଳକ ଗୁରୁତର

ଛେଣ୍ଡିପଦା,୨୯।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ବାଣଫୁଟି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପାତ୍ରପଡା ବରସାହିର କାଳିଆ ବେହେରାଙ୍କ ପୁଅ ଡାକ୍ତର ବେହେରା। ଘଟଣାରୁ ପ୍ରକାଶ, ଡାକ୍ତର ସାଙ୍ଗମାନଙ୍କ ସହିତ ଗାଁରେ ପଡିଥିବା ଅଫୁଟା ବାଣ ସଂଗ୍ରହ କରି ତାହାକୁ ଫୁଟାଉଥିବାବେଳେ ହାତରେ ଫୁଟିଯାଇଥିଲା। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ଚନ୍ଦନେଶ୍ୱର ବଜାରରେ ଅଗ୍ନିକାଣ୍ଡ

ଭୋଗରାଇ, ୨୯।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ନିକଟରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୦ଟି କ୍ୟାବିନ୍ ପୋଡ଼ି ଛାରଖାର ହୋଇଯାଇଛି। ଉକ୍ତ କ୍ୟାବିନ୍‌ରେ ରାତିରେ କେହି ଶୋଇ ନ ଥିବାରୁ କୌଣସି ଜୀବନହାନି ହୋଇନାହିଁ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ରାସ୍ତାକଡ଼ ବୁଦାରୁ ମୃତଦେହ ଜବତ

ଉଦଳା/କୁଆମରା,୨୯।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଥାନା ଦିଘିନୂଆସାହି ଛକଠାରୁ କିଛି ମିଟର ଦୂର ରାସ୍ତା ପାର୍ଶ୍ୱ ଏକ ବୁଦା ମୂଳରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କେଶପୁର ଗ୍ରାମର ଶରତ ପାତ୍ର। ରବିବାର ଶରତ ମାର୍ଶି ଗାଁ ସାପ୍ତାହିକ ହାଟକୁ ଯାଇ ଫେରି ନ ଥିଲେ। ପୋଲିସ ଅପମୃତ୍ୟୁ ମାମଲା(ନଂ.୫୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଫେରାର ଅଟୋ ଚାଳକ ଗିରଫ

ପାଟଣା, **୨୯।୧୧** (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥର ଖଜୁରୀଡିହା ନିକଟରେ ଗତ ଅକ୍ଟୋବର ୬ ତାରିଖରେ ଏକ ଦୁର୍ଘଟଣାରେ ଜୟନ୍ତ ନାଏକ ନାମ୍ନୀ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକ ଫେରାର ଥିଲେ। ସୋମବାର ପାଟଣା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କରଞ୍ଜିଆ ଥାନା ରସନ୍ତଳା ସିମୀସାହିର ଅନିଲ ମହାନ୍ତ। ଏନେଇ ପାଟଣା ଥାନାରେ ମାମଲା (ନଂ.୧୬୮/୨୧) ରହିଛି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼

କୁଆମରା,୨୯।୧୧(ଡି.ଏନ.ଏ.) ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଧାଉଁଡିଆ ଗ୍ରାମରେ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସେହି ଗ୍ରାମର ସତୀଶ ଚନ୍ଦ୍ର ବିଶ୍ୱାଳଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ମାଣତ୍ରୀ ଷ୍ଟ୍ରକଚରେ ସୁପରଭାଇଜର ଭାବେ କାର୍ଯ୍ୟକରୁଥିବା ବିରେନ କୁମାର ଧଳ ରବିବାର ୬ଜଣ କର୍ମଚାରୀଙ୍କୁ ନେଇ ଧାଉଁଡିଆ ଗ୍ରାମରେ ବିଦ୍ୟୁତ୍ ତାରରେ ଲାଗିଥିବା ଗଛଡାଳ କାଟି ସଫା କରୁଥିଲା ବେଳେ ସତୀଶ ସେମାନଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଫଳରେ ୪ କର୍ମଚାରୀ ଆହତ ହୋଇଥିଲେ। ଏନେଇ ସୁପରଭାଇଜର ଧଳଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନା ପୋଲିସ ଏକ ମାମଲା(ନଂ.୩୫୩/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ୩ ଦଫା ଦାବିରେ ଖଣି ବନ୍ଦ ଆନ୍ଦୋଳନ



ହିଙ୍ଗୁଳା ଖଣି ସମ୍ମୁଖରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

ତାଳଚେର,୨୯।୧୧ (ନି.ପ୍ର.)

ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣ ଦାବି ନେଇ ଛେଣ୍ଡିପଦା ବ୍ଲକ ଆମ୍ବପାଳ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ହିଙ୍ଗୁଳା କୋଇଲା ଖଣି ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ସକାଳ ୬ଟାରୁ ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଜମିହରା ପ୍ରଜା ହିଙ୍ଗୁଳା କୋଇଲା ଖଣି, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଟାଇମ୍ ଅଫିସ ଓ ଶାଳବଣିଆସ୍ଥିତ ପରିବହନ ରାସ୍ତା ଅବରୋଧ କରିଥିଲେ। ଫଳରେ ଖଣିରୁ କୋଇଲା ଉତ୍ପାଦନ ଓ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆମ୍ବପାଳ ଗ୍ରାମର ୭୨ ଏକର ଜମି ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣି ଦ୍ୱାରା ଅଧିଗ୍ରହଣ କରାଯାଇଛି। କିନ୍ତୁ ନିଯୁକ୍ତି, ଥଇଥାନ ଓ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ବାରମ୍ବାର ଆପତ୍ତି ଅଭିଯୋଗ ସତ୍ତ୍ୱେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝିଙ୍କ ନେତୃତ୍ୱରେ ଧର୍ମାନନ୍ଦ ମାଝି, ଆର୍ତ୍ତତ୍ରାଣ ସେଠୀ, ବୁଦ୍ଧୁ ମାଝି, ପ୍ରତାପ ସେଠୀ, କୁନା ସାହୁ, କଳାବତୀ ନାଏକ, ଟିକିନା ବେହେରା, ଧୂଳେଶ୍ୱର ବେହେରା, ନାରାୟଣ ବେହେରା ପ୍ରମୁଖ ଆନ୍ଦୋଳନ କରିଥିଲେ। ପରେ ଗୋପାଳପ୍ରସାଦ ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତିରେ ହିଙ୍ଗୁଳା ଖଣି ଉଚ୍ଚପଦସ୍ଥ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୧୦ ସୁଦ୍ଧା ଏକ ସବ୍ କମିଟି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ସଂସ୍କୃତି ଓ କଳା ପରିଷଦର ବାର୍ଷିକ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଛେଣ୍ଡିପଦା,୨୯।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ମାଛକୁଟା ପଞ୍ଚାୟତ ପୋଡାପଡା କାର୍ତ୍ତିକେଶ୍ୱର ପୂଜା ପଡିଆରେ ସଂସ୍କୃତି ଓ କଳା ପରିଷଦ ଓଡ଼ିଶାର ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଙ୍ଗଠକ କାହ୍ନୁଚରଣ ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଚୌଦ୍ୱାରର ପୂର୍ବତନ ବିଧାୟକ ଡ .ପ୍ରଭାତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଛେଣ୍ଡିପଦା ବିଧାୟକ କଳାକାରମାନଙ୍କ ନିମନ୍ତେ ସରକାର ଘୋଷଣା କରିଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହ ସମ୍ପାଦିକା କୁମୁଦିନୀ ବେହେରା, ରାଜ୍ୟ ସଂଯୋଜକ ବ୍ରହ୍ମାନନ୍ଦ କୁମ୍ଭାରସ, ରାଜ୍ୟ ଉପଦେଷ୍ଟା ତ୍ରିନାଥ ପ୍ରଧାନ, ସଂଯୋଜକ ସୁଧୀର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟା ଆରତୀ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯୁବକ ମୃତ

ଭୁବନ,୨୯।୧୧(ଡି.ଏନ.ଏ.)

ଭୁବନ ଥାନା ମଣିପୁର ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ସୋମବାର ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଚିରୋଳୋଇ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କ ମୃତ୍ୟୁ ହୋଇଛି। ଅନ୍ତର୍ଯ୍ୟାମୀ ଢେଙ୍କାନାଳ ଇଟେକ କଲେଜର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଭୁବନ ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିଛି।

### ଅବକାରୀ ଚଢ଼ାଉ, ୩ ଗିରଫ



ବଇଣ୍ଡା,୨୯।୧୧(ଡି.ଏନ.ଏ.)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ହଣ୍ଡପା, ଠାକୁରଗଡ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ୯୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହିତ ୩୫୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ରସାନନ୍ଦ ବେହେରା, ସୋଲଣ୍ଡା ଗ୍ରାମର ବାସୁଦେବ ମାଝି, ଠାକୁରଗଡ ଥାନା ବାଲିପଟା ଗ୍ରାମର ବେଣୁଧର ସାହୁଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ମାଝି, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକଙ୍କ ସମେତ ଅବକାରୀ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

# ବିଜ୍ଞାନ ପ୍ରକଳ୍ପ ମୂଲ୍ୟାୟନ


ଅଧିକାରୀମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖୁଛନ୍ତି।

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ସମଗ୍ର ଶିକ୍ଷା ଅନୁଗୋଳ ଦ୍ୱାରା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରକଳ୍ପ ମୂଲ୍ୟାୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ବ୍ଲକରୁ ମୋଟ୍ ୨୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀପ୍ରିୟା ସାହୁ, ସହକାରୀ ଶିକ୍ଷକ ଗିରିଜା ଶଙ୍କର ତ୍ରିପାଠୀ, ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ ମୂଲ୍ୟାୟନ କରିଥିଲେ। ସମଗ୍ର ଶିକ୍ଷାର ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ସମସ୍ତ ଗୋଷ୍ଠୀ ସମ୍ବଳ ଶିକ୍ଷକ ସହଯୋଗ କରିଥିଲେ।

# ଛାତ୍ରାବାସ ଉଚ୍ଛେଦକୁ ବିରୋଧ

ବଇଣ୍ଡା,୨୯।୧୧(ଡି.ଏନ.ଏ.)

 କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସକୁ ସୋମବାର କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦକୁ ବିଦ୍ୟାଳୟ ପରିଚାଳନା କମିଟି, ବଇଣ୍ଡା ଗ୍ରାମବାସୀ, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ବିରୋଧ କରାଯାଇଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାସଂସ୍ଥାର କର୍ମଚାରୀ ଜିଲା ପ୍ରଶାସନ ପକ୍ଷରୁ ଏକ ଚିଠି ଆଣି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦେବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଆବାସରେ ଥିବା ସାମଗ୍ରୀଗୁଡିକ ବାହାର କରିବା ପାଇଁ ସମୟ ଦିଆଯାଇ ନ ଥିବା ଯୋଗୁ ଗ୍ରାମବାସୀ ବିରୋଧ କରିଥିଲେ। କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ ପଣ୍ଡା, ବଇଣ୍ଡା ରାଜସ୍ୱ ଅଧିକାରୀ, କମ୍ପାନୀ ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ଗ୍ରାମବାସୀ କହିଛନ୍ତି, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟ ନିକଟରେ ସ୍ଥାପନ କରିବା ପାଇଁ ଗ୍ରାମବାସୀ ଦାବି କରୁଥିଲେ। ହେଲେ ବଇଣ୍ଡା ଅଞ୍ଚଳର କେତେଜଣ ଲୋକ ଓ ପ୍ରଶାସନିକ ଅଧିକାରୀମାନେ ହାଇସ୍କୁଲ ନିକଟରେ କିଶୋରଗଞ୍ଜ ସ୍କୁଲ ନିର୍ମାଣ ପାଇଁ ଯୋଜନା କରିବା ସହ ଛାତ୍ରାବାସ ଉଚ୍ଛେଦ କରିଛନ୍ତି। କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି, ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଛାତ୍ରାବାସ ଉଚ୍ଛେଦ କରାଯାଇଛି।


ଜେସିବି ମେଶିନ ସହାୟତାରେ ଛାତ୍ରାବାସ ଉଚ୍ଛେଦ କରାଯାଉଛି।

# ସହଯୋଗ ପ୍ରଦାନ ପାଇଁ ଶପଥ


ନାଲ୍‌କୋ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ବଁଅରପାଲ,୨୯।୧୧(ଡି.ଏନ.ଏ.)

ଅନୁଗୋଳସ୍ଥିତ ନାଲ୍‌କୋରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ଏସ.ଏନ. ସାହୁ, ସିପିପି ମହାପ୍ରବନ୍ଧକ ସରୋଜ ମିଶ୍ର, ସୁଧୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରେନିଂ ସେଣ୍ଟରର ଡିଜିଏମ୍ ଶୁଭେନ୍ଦୁ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧିକାରୀ ସମ୍ବିଧାନ ପାଠ ସହ ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଗଠନରେ ସହଯୋଗ ପ୍ରଦାନ ପାଇଁ ଶପଥ ନେଇଥିଲେ। ଜନ ସମ୍ପର୍କ ବିଭାଗ ଓ ଟ୍ରେନିଂ ସେଣ୍ଟରର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

ବାଲେଶ୍ୱର ଅଫିସ, ୨୯।୧୧

ବାଲେଶ୍ୱର ଫକୀରମୋହନ(ଏଫଏମ୍) ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ପିଜି ଛାତ୍ରୀଛାତ୍ରମାନେ ଦ୍ୱିତୀୟ ସେମିଷ୍ଟର ବାତିଲ୍ କରି ବିକଳ୍ପ ମୂଲ୍ୟାୟନରେ ଫଳାଫଳ ପ୍ରକାଶ କରିବା ପାଇଁ ଅଡି ବସିଛନ୍ତି। ଛାତ୍ରୀଛାତ୍ରମାନେ ସୋମବାର ପୂର୍ବାହ୍ନରେ ରେମୁଣା ଗୋଲେଇସ୍ଥିତ ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସ୍ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ।

ପିଜି ଦ୍ୱିତୀୟ ସେମିଷ୍ଟର ଅନଲାଇନ୍‌ରେ ହେବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅକ୍ଟୋବର ୨୭ରେ ଏକ ନୋଟିସ୍ ଜାରି କରାଯାଇଥିଲା। ମହାମାରୀ କରୋନା ପାଇଁ ଶିକ୍ଷାବର୍ଷ ଗଡ଼ି ଚାଲିଥିବା ବେଳେ

**ବିକଳ୍ପ ମୂଲ୍ୟାୟନ ଦାବିରେ ଧାରଣା**

ଖୁବ୍ କମ୍ ସମୟରେ ଏକାଧିକ ସେମିଷ୍ଟର ପାଠପଢ଼ା ଓ ପରୀକ୍ଷା କରାଗଲେ ଶିକ୍ଷାଗ୍ରହଣରେ ଅତିରିକ୍ତ ଚାପ ପଡ଼ିବ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଳମ୍ବରେ କୋର୍ସ ଶେଷ ହେଉଥିବାରୁ ଏକାଧିକ ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେବାକୁ ପଡ଼ିବ। ୟୁଜିସି ଗାଇଡ଼ଲାଇନ୍ ଅନୁସରଣ କରି ରାଜ୍ୟର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ବାତିଲ୍ କରି ବିକଳ୍ପ ମୂଲ୍ୟାୟନ ପଦ୍ଧତି ଆପଣେଇଥିଲା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ। ଏନେଇ ଗତ ନଭେମ୍ବର ୮ ତାରିଖରେ ପରୀକ୍ଷା ନିୟନ୍ତ୍ରକ ଓ କୁଳପତିଙ୍କୁ ସାକ୍ଷାତ କରି ଛାତ୍ରୀଛାତ୍ର ଦରଖାସ୍ତ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ ନିଜ ନିଜ ବିଭାଗ ମୁଖ୍ୟଙ୍କ ଜରିଆରେ ପରୀକ୍ଷା ନିୟନ୍ତ୍ରକଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିଲା। ଗତ ୨୩ ତାରିଖରେ ପୁନଶ୍ଚ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ସାକ୍ଷାତ କରି ଶତାଧିକ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ କର୍ତ୍ତୃପକ୍ଷ ସମସ୍ୟାକୁ ସମାଧାନ କରୁ ନ ଥିବା ଚିନ୍ମୟ ବିଶ୍ୱାଳ, ରିତିକ୍ ଶର୍ମା, ସତ୍ୟବ୍ରତ ଚାନ୍ଦ, ମନୋଜ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା ପାଇଁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି।

### କୁଟୁରା, ମାଙ୍କଡ଼ ଉଦ୍ଧାର



ଅନୁଗୋଳ ଅଫିସ/ ଛେଣ୍ଡିପଦା, ୨୯।୧୧

ଅନୁଗୋଳ ସହରସ୍ଥିତ କମଳା ଫାର୍ମକୁ ରବିବାର ପଶିଆସିଥିବା ଏକ କୁଟୁରାକୁ ବନ ବିଭାଗ ଉଦ୍ଧାର କରିଛି। ଫାର୍ମରେ କୁଟୁରା ଦେଖି ଜଣେ ସ୍ଥାନୀୟ ଲୋକ ପୋଲିସ କର୍ମଚାରୀଙ୍କୁ କହିବା ପରେ ସେ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ରେଞ୍ଜର ରାଜେନ୍ଦ୍ର ପ୍ରସାଦ ସାମନ୍ତରାୟଙ୍କ ନେତୃତ୍ୱରେ ୨୦ ଜଣ କର୍ମଚାରୀ ପହଞ୍ଚି ଜିଲା ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ନିଶ୍ଚେତକ ପ୍ରୟୋଗ କରି କୁଟୁରାକୁ ଉଦ୍ଧାର କରିଥିଲେ। ରେଞ୍ଜର ସାମନ୍ତରାୟ କହିଛନ୍ତି, ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ରାଇଗୁଡ଼ା ଜଙ୍ଗଲରେ କୁଟୁରାକୁ ଛାଡ଼ି ଦିଆଯାଇଛି। ସେହିପରି ଛେଣ୍ଡିପଦା ବନାଞ୍ଚଳ କୋଶଳା ଚନ୍ଦନନଗର ନିକଟସ୍ଥ ଏକ ବିଲ ମଧ୍ୟରୁ ଆହତ ମାଙ୍କଡକୁ ବନବିଭାଗ ଉଦ୍ଧାର କରିଛି। କୋଶଳା ଗ୍ରାମର ଅକ୍ଷୟ ସାହୁ ଗୁରୁତର ମାଙ୍କଡ଼କୁ ଦେଖି ବନବିଭାଗକୁ ସୂଚନା ଦେଇଥିଲେ। ବନପାଳ ଦୀପକ କୁମାର ସେଠୀ ପହଞ୍ଚି ମାଙ୍କଡକୁ ଉଦ୍ଧାର ପରେ କୋଶଳା ବିଟ୍‌ରେ ରଖି ଚିକିତ୍ସା କରୁଛନ୍ତି।

# ଟନେଲ ପାଇଁ ପାହାଡ଼ ଖୋଦେଇ ଶେଷ

କଣିହାଁ/ ପବିତ୍ରନଗର, ୨୯।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ବାରୁଆଁ ପାହାଡ ତଳେ ନିର୍ମାଣାଧୀନ ତାଳଚେର-ବିମଳାଗଡ ରେଳପଥର ଏକ ଟନେଲ ନିର୍ମାଣ ପାଇଁ ପାହାଡ ଖୋଦେଇ କାର୍ଯ୍ୟ ଶେଷ ହୋଇଛି। ଇଷ୍ଟକୋଷ୍ଟ ରେଲୱେ ତରଫରୁ ଏକ ଠିକାକମ୍ପାନୀ ଦ୍ୱାରା ୨୦୨୦ ମସିହାରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ମୋଟ୍ ୮୪୦ ମିଟର ପାହାଡ ଖୋଦେଇ କାମ ଗତ ୨୬ ତାରିଖରେ ଶେଷ ହେବା ସହିତ ଏହାର ସଫଳତା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ରେଲୱେ ତରଫରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଷ୍ଟକୋଷ୍ଟ ରେଲୱେ ନିର୍ମାଣ ବିଭାଗ ଡେପୁଟି ଚିଫ୍ ଇଞ୍ଜିନିୟର ସୁରେନ୍ଦ୍ର ତରାଇ, ସହକାରୀ ଯନ୍ତ୍ରୀ ଦିବାକର ମିଶ୍ର, ପିଆରଓ ନିହାର ରଞ୍ଜନ ମହାନ୍ତି, ଠିକାସଂସ୍ଥା ସିନିୟର ମ୍ୟାନେଜର ଏସ. ପି. ସିଂହ ପ୍ରମୁଖ ଉପସ୍ଥିତ ରହି ସଫଳତା ନେଇ ତଥ୍ୟ ରଖିଥିଲେ।


ଖବରଦାତା ସମ୍ମିଳନୀରେ ଅଧିକାରୀମାନେ।

# ୬୩୩ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ,୨୯।୧୧

ଢେଙ୍କାନାଳ ବଜରଙ୍ଗ କ୍ଲବ ପକ୍ଷରୁ ରବିବାର ୨୪ତମ ଆଦର୍ଶ ରକ୍ତଦାନ ଶିବିର ଗୋପବନ୍ଧୁ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ଶିବିରରେ ମୋଟ୍ ୬୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅମୁଲ ଇଣ୍ଡିଆର ପ୍ରତିଷ୍ଠାତା ଡା. ଭରଗିଜ୍ କୁରିଆନଙ୍କ ୧୦୦ ତମ ଜନ୍ମଦିବସ ଓ କମ୍ପାନୀର ୭୫ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଅବସରରେ କମ୍ପାନୀ ଏଥିରେ ସହଯୋଗ କରିଥିଲା। ଏହି ଶିବିରକୁ ବିଧାୟକ ସୁଧୀର କୁମାର ସାମଲ ଉଦ୍‌ଘାଟନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଓଏସ୍‌ଏପି ପ୍ରଥମ ବାଟାଲିୟନ କମାଣ୍ଡାଣ୍ଟ ସୁଧୀର କୁମାର ବେହେରା, ଅଧିକାରୀ ହୃଷୀକେଶ ମିଶ୍ର, ଅମିତ କୁମାର ଗୋଛାୟତ, ଅମୁଲ ଇଣ୍ଡିଆ ଅଧିକାରୀ ସୌମିତ ଦାସ, ଟାଉନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ସଦର ଥାନା ଅଧିକାରୀ ଅଭିନବ ଡାଲୁଆ, ପୂର୍ବତନ ନଗରପାଳ ସୁନୀଲ ଶର୍ମା, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତଭଣ୍ଡାର ଅଧିକାରୀ ଜୟ ନାରାୟଣ ପାଣି, କର୍ମଚାରୀ ପରମାନନ୍ଦ ପଣ୍ଡା, ରୋହିତ ଦାସ, ବିଜୟ ସେନାପତି, ମାନସ ବେହେରା, ରାଜେନ୍ଦ୍ର କୁମାର ମଲ୍ଲିକ, ବିନୋଦିନୀ ଯୋଗାନିଆ, ମାଳତୀଲତା ନାୟକ, ଅଜୟ ସ୍ୱାଇଁ, ତପନ ଜେନା, ବରୁଣ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କ୍ଲବ ଉପଦେଷ୍ଟା ଗୋପାଳ ପାତ୍ର, ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସମଲ ପ୍ରମୁଖ ସହଯୋଗ କରିଥିଲେ। କ୍ଲବର କଙ୍କଡାହାଡ, ବନମାଳୀପ୍ରସାଦ, ମଠକରଗୋଳା ଶାଖା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ଶିବିରରେ ରକ୍ତ ସଂଗ୍ରହ ବେଳେ ବିଧାୟକଙ୍କ ସହ ଅନ୍ୟମାନେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ବଇଣ୍ଡା,୨୯।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଟାପଢୋଲ ଓ ପାଇକସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁନାଥ ସାହୁଙ୍କ ସୋମବାର ତାଙ୍କ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ପରଲୋକ ଖବର ଜଣାପଡ଼ିବା ପରେ ବହୁ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସେହିପରି ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ସୁପ୍ରିୟ ମିଶ୍ରଙ୍କ ପରଲୋକ ହୋଇଯାଇଛି। ସେ ବାଥରୁମରେ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଭାଜପା ନେତା ଭାଗୀରଥି ପ୍ରଧାନ ଶୋକପ୍ରକାଶ କରିଛନ୍ତି।

